# ଭୀମଭୋଇଙ୍କ ଦିବ୍ୟବାଣୀ

ଗୋରେଖନାଥ ସାହୁ

ଭୀମଭୋଇ ଆପଣାର କାଳଜୟୀ ରଚନାବଳୀ ମାଧ୍ୟମରେ ମାନବ ସମାଜକୁ କେତେକ ଦିବ୍ୟବାଣୀ ଦେଇ ଯାଇଛନ୍ତି । ସେହି ଦିବ୍ୟବାଣୀ ମଧ୍ୟରେ ବାରମ୍ବାର ଉଦ୍‌ଘୋଷ ହୋଇଛି ଗୁରୁ-ଶିଷ୍ୟ ସମ୍ପର୍କ ଏବଂ ସ୍ୱାମୀ ଓ ସ୍ତ୍ରୀ ସମ୍ପର୍କ । ଭୀମ ଭୋଇ ନିଜ ଗୁରୁଙ୍କୁ ସାକ୍ଷାତ୍ ପରଂବ୍ରହ୍ମ ସଦୃଶ ଜ୍ଞାନ କରି ସେହିପରି ତାଙ୍କୁ ସମ୍ମାନ ଦେଉଥିଲେ ।

ଗୁରୁର୍ବ୍ରହ୍ମା ଗୁରୁ ର୍ବିଷ୍ଣୁଃ ଗୁରୁର୍ଦେବ ମହେଶ୍ୱରଃ
ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।

ଗୁରୁ (ମହିମା ଗୋସାଇଁ) ଯାହାଙ୍କୁ ସେ ସାକ୍ଷାତ୍ ଶଙ୍ଖ ଚକ୍ରଧାରୀ ରୂପେ ଦର୍ଶନ କରିଥିଲେ, ତାଙ୍କୁ ଅଯୋନି ସମ୍ଭୂତ ଓ ତିନି ଭୁବନର ହର୍ତ୍ତାକର୍ତ୍ତା ବିଧାତା ବୋଲି ମନେ କରୁଥିଲେ । ଗୁରୁ ହେଉଛି ଆଧ୍ୟାତ୍ମିକ ଜଗତରେ ମୁକ୍ତିର ମାର୍ଗ ବତାଇ ଶିଷ୍ୟକୁ ତିଆରି ଦେଉଥିବା ଧର୍ମପୁରୁଷ । ସେ ହେଉଛନ୍ତି ଶିଷ୍ୟ (ଭକ୍ତ) ଓ ଭଗବାନଙ୍କ ମଧ୍ୟରେ ଯୋଗସୂତ୍ର । ଭକ୍ତ, ଗୁରୁ ଓ ଭଗବାନ ହେଉଛନ୍ତି ଗୋଟିଏ ସରଳ ରେଖାର ତିନୋଟି ବିନ୍ଦୁ । ଭକ୍ତ ଭୀମଭୋଇ ଗୁରୁ ଓ ଭଗବାନଙ୍କ ମଧ୍ୟରେ ମୋଟେ ପାର୍ଥକ୍ୟ ଦେଖି ନାହାନ୍ତି । ଗୁରୁ ବନ୍ଦନା କରିବାକୁ ଯାଇ ସେ ଗାଇଛନ୍ତି:

''ଗୁରୁ ସେବାଧର୍ମ ଚାରିଯୁଗେ ରହେ କ୍ଷୟବୃଦ୍ଧି କେବେ ନୁହେଁ ।
ସେବା ମଧ୍ୟରେ ପ୍ରଧାନ ଅଟେ ସେହୁ ଶତେ ପୁରୁଷର ଯାଏ ।୫।
ଗୁରୁସେବା ଫଳ ଶତେକ ପୁରୁଷ ଖାଇ ବୋହିଲେ ନସରେ ।
ଗୁରୁ ଭକତିରେ ଅପାର ମହିମା ଅଶେଷ ଦୁରିତ ହରେ।୬।
(ସପ୍ତପଞ୍ଚଶତ ବୋଲି, ସ୍ତୁତିଚିନ୍ତାମଣି)

ଭୀମଭୋଇ ନିଜେ ରଚନାବଳୀରେ ଗୁରୁ ଶିଷ୍ୟ ସମ୍ପର୍କକୁ ଏତେ ମହତ୍ତ୍ୱ ଦେବାର ଯଥେଷ୍ଟ ବୈଜ୍ଞାନିକ କାରଣ ଅଛି । ଆଧ୍ୟାତ୍ମିକ କ୍ଷେତ୍ରରେ ଈଶ୍ୱର ପ୍ରାପ୍ତିର ଏକମାତ୍ର ବାଟ ହେଉଛି ସଦ୍‌ଗୁରୁର ସେବା କରିବା । ସେଥିପାଇଁ ଭୀମଭୋଇ ମୋକ୍ଷ ଲାଭ ପାଇଁ ସଦ୍‌ଗୁରୁ ସେବାରେ ମନପ୍ରାଣ ଢାଳି ଦେଇଛନ୍ତି । ସନାତନ ଧର୍ମରେ ଗୁରୁ ପରମ୍ପରା ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରାଯାଇଛି । ଶାସ୍ତ୍ର ପୁରାଣରେ ଗୁରୁଭକ୍ତିର ଭୁରି ଭୁରି ପ୍ରମାଣ ଦିଆଯାଇଛି । ମହାଭାରତରେ ଏକଲବ୍ୟର ଗୁରୁଭକ୍ତି ତାହାକୁ ଚିରଦିନ ଅଜର ଅମର କରି ରଖିଛି । ଗୁରୁର ପିତୁଳା ମଧ୍ୟ ଶିଷ୍ୟକୁ ସାଧନା ପଥରେ ସିଦ୍ଧି ପ୍ରଦାନ କରିପାରେ । ତାହାର ଏକ ଜ୍ୱଳନ୍ତ ଉଦାହରଣ ଏକଲବ୍ୟ ଓ ଦ୍ରୋଣ ଉପାଖ୍ୟାନ । ଗୁରୁ ହେଉଛି ସେହି ପୁରୁଷ ଯେ ଶିଷ୍ୟକୁ ଅଜ୍ଞାନରୁ ଜ୍ଞାନକୁ, ଅନ୍ଧକାରରୁ ଆଲୋକକୁ ଓ ମୃତ୍ୟୁରୁ ଅମୃତତ୍ତ୍ୱ ଆଡକୁ ନେଇଯାଏ ।

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈଶ୍ରୀ ଗୁରବେ ନମଃ ।

ଗୁରୁ ସଂସାର ରୂପକ ଭବସାଗରରୁ ପାରିକରି ଲକ୍ଷ୍ୟ (ମୋକ୍ଷ)ପଥରେ ପହଞ୍ଚାଇ ଦେବା ନାବିକ । ସଂସାରରେ ସମସ୍ତଙ୍କୁ ସଦ୍‌ଗୁରୁ ପ୍ରାପ୍ତ ହୁଅନ୍ତିନାହିଁ। ପୂର୍ବ ଜନ୍ମ (ପ୍ରାରବ୍ଧ) ଓ ଇହ ଜନ୍ମର ସୁକୃତିରୁ ସଦ୍‌ଗୁରୁ ପ୍ରାପ୍ତ ହୁଅନ୍ତି। ଏବେ ଆଧୁନିକ ସମାଜରେ ଭଣ୍ଡ ଗୁରୁମାନଙ୍କ ସଂଖ୍ୟା ଖୁବ୍ ବେଶୀ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଭୋଗ ବିଳାସରେ ମାତିଥାନ୍ତି। ତେଣୁ ସଦା ସର୍ବଦା ସେମାନେ ସଂଗ୍ରହରେ ବ୍ୟସ୍ତ ଥାଆନ୍ତି । ଭୌତିକ ଧନ ସମ୍ପତ୍ତି ସଂଗ୍ରହ ପାଇଁ ସେମାନେ ସବୁବେଳେ ନାନା ଯୋଜନା ଫାନ୍ଦିବାରେ ମନବଳାଇ ଥାନ୍ତି । ସେମାନଙ୍କ ଭଣ୍ଡାମୀ ଦିନେନା ଦିନେ ଲୋକଲୋଚନକୁ ଆସେ ଏବଂ ସେମାନେ ସବୁକାଳ ପାଇଁ ନିନ୍ଦିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ କେତେକ ଅଲୌକିକ ଶକ୍ତି ପ୍ରଦର୍ଶନ କରି ନିଜର ଆଧ୍ୟାତ୍ମିକ ଗୁଣକୁ ନ୍ୟୂନ କରି ଦିଅନ୍ତି । ଦିନକର କଥା ଜଣେ ସାଧୁ ପରମହଂସ

ରାମକୃଷ୍ଣଙ୍କ ସମ୍ମୁଖରେ ଗଙ୍ଗାନଦୀ ଉପରେ ପାଣିରେ ଏ କୂଳରୁ ସେ କୂଳକୁ ଚାଲିଗଲେ । ତାହା ଦେଖି ରାମକୃଷ୍ଣ କହିଲେ ଯେ ସେ ସାଧୁର ଏତେ କଷ୍ଟକର ସାଧନା ନିମିଷକେ ଧ୍ୱଂସ ହୋଇଗଲା । ନିଜ ଆଧ୍ୟାତ୍ମିକ ଶକ୍ତିର ଅପଚୟ ଏତେ ଛୋଟ କାମ ପାଇଁ ସେ କଲେ ଯାହା ସେ ଦିଅଣା ପଇସା ଦେଇ ଡଙ୍ଗାରେ ପାରି ହୋଇ ଅପରପାର୍ଶ୍ୱକୁ ଯାଇ ପାରିଥାନ୍ତେ । ଭଗବାନ ସ୍ୱୟଂ ଶକ୍ତି ସ୍ୱରୂପ । ସେ ସକଳ ଶକ୍ତିର ଆଧାର । ତେଣୁ ଶକ୍ତିର ସର୍ବଦା ସଂଚୟ ହେବା ଉଚିତ୍ ଏବଂ ଶକ୍ତିର ଅପଚୟ ସର୍ବଦା ବର୍ଜନୀୟ । ମାତ୍ର କାମକୁ ଜାଣି ଶକ୍ତିର ଯଥାର୍ଥ ଉପଯୋଗ ହେବା ବିଧେୟ । ଭଗବାନ ସକଳ ଶକ୍ତିର ଉତ୍ସ । ସେ ସର୍ବ ଶକ୍ତିମାନ୍, ସର୍ବଜ୍ଞ ଓ ସର୍ବବ୍ୟାପୀ ବୋଲି ସାଧକର ଉପଲବ୍ଧି ହେଲେ ଭଗବାନଙ୍କ ସହ ତା'ର ସମ୍ବନ୍ଧ ଯୋଡି ହୋଇଯାଏ ।

ଭୀମଭୋଇ ସ୍ୱାମୀ ସ୍ତ୍ରୀର ସମ୍ପର୍କକୁ ଏତେ ପ୍ରାଧାନ୍ୟ ଦେଇ ସେ ସମ୍ପର୍କରେ ବାରମ୍ବାର ଅବତାରଣା କରିବାର ତାତ୍ପର୍ଯ୍ୟ କ'ଣ ? ଏ ସମ୍ପର୍କରେ ଅନୁଧ୍ୟାନ କଲେ ଜଣାଯାଏ ଯେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ହେଉଛି ଏକ ସାଂସାରିକ ବନ୍ଧନ । ଜଣେ ମଲାପରେ ଆଉ ଜଣେ ସଙ୍ଗରେ ସ୍ୱର୍ଗକୁ ଯାଏ ନାହିଁ । ମନୁଷ୍ୟ ଏକୁଟିଆ ଆସିଛି ଓ ଗଲାବେଳେ ମଧ୍ୟ ଏକୁଟିଆ ଯିବ, ଏହା ଧ୍ରୁବ ସତ୍ୟ । ତେବେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଏପରି ଏକ ବନ୍ଧନ ଯାହା ବିଭୁ ପଦରୁ ଜଣେ ସାଧକକୁ ଅଲଗା କରେ । ପ୍ରଭୁଙ୍କ ସହିତ ସାଧକର ଏକାତ୍ମଭାବ ସୃଷ୍ଟି ହୋଇ ପାରେନା । ସ୍ୱାମୀ ସ୍ତ୍ରୀ ସମ୍ପର୍କରୁ ଜାତ ସଂସାର ଜଞ୍ଜାଳ ତାକୁ ଏମିତି ମାଡି ବସେ ସେ ଈଶ୍ୱରଙ୍କ ନାମ ସ୍ମରଣ କଥା ମଧ୍ୟ ଭୁଲିଯାଏ । ରମଣ ମହର୍ଷିଙ୍କ ଶିଷ୍ୟ ସାଧୁ ପଲ ବ୍ରଣ୍ଟନ୍ ଏକଥା କହିଲେ ଯେ– "ଆମେ ଭଗବାନଙ୍କୁ ସ୍ମରଣ ବ୍ୟତୀତ ଆଉ ଅଧିକ କ'ଣ କରିପାରିବା ?" ଏ କଥାରେ ହୁଏତ ସତ୍ୟତା ଅଛି । ମାତ୍ର ସମ୍ପୂର୍ଣ୍ଣ ସତ୍ୟତା ନାହିଁ କାରଣ ନବଧା ଭକ୍ତିମତେ ଶ୍ରବଣ, କୀର୍ତ୍ତନ, ସ୍ମରଣ, କୀର୍ତ୍ତନ, ସ୍ମରଣ, ପାଦସେବା, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ମାଧ୍ୟମରେ ପରମାତ୍ମା ଭଗବାନଙ୍କୁ ପ୍ରାପ୍ତ କରାଯାଇପାରେ । ଶରଣାଗତ ଭକ୍ତକୁ ସ୍ୱୟଂ ଭଗବାନ ମନେ ପକାନ୍ତି । ସେ ତା'ର ସମସ୍ତ ଯତ୍ନ ନିଅନ୍ତି ଠିକ୍ ଯେପରି ମା ବିଲେଇ ନିଜଛୁଆକୁ ତୁଣ୍ଡରେ ଧରି ଏଠାବରୁ ନିଆଅଣା କରେ । ବିଲେଇ ଛୁଆର ସେଠାରେ କିଛି କର୍ତ୍ତୃତ୍ୱ ନଥାଏ । ଠିକ୍ ସେହିପରି ଶରଣାଗତ ଭକ୍ତ ଭଗବାନଙ୍କ ସାହା ଭରସାରେ ଚଳେ । ତେଣୁ ସେହି ଭରସାରେ ଭୀମଭୋଇ ଗାଇଛନ୍ତି:–

"ଅଭୟ ବ୍ରହ୍ମକୁ ଆଶ୍ରେ କଲେ ପରା ନଥାଇ ମନରେ ଭୟ ।
ଚିରାନନ୍ଦ ଯେବେ କରୁଣା କରନ୍ତି ଚିରକାଳ ରହେ ଦେହ।୩।

XXXXXXX

ଅଭୟ ପାଦପଦ୍ମକୁ ଆଶ୍ରାକଲେ ନାହିଁ ପରା ଜନ୍ମ ମୃତ୍ୟୁ।
ପିଣ୍ଡ ନପଡଇ ଶ୍ରୋତା ନବୁଡଇ ଚାରିଯୁଗେ ରହେ ହେତୁ।୫।

(ସ୍ତୁତିଚିନ୍ତାମଣି ଏକଷଷ୍ଠୀ ବୋଲି)

ଯେଉଁ ଲୋକ ପ୍ରଭୁ ନାମ ସ୍ମରଣ ଶୁଦ୍ଧା ବିସ୍ମରଣ ହୁଏ ସେଭଳି ଲୋକ ନବଧା ଭକ୍ତିର କେଉଁ ଭାବକୁବା ଆଶ୍ରୟ କରିବ ? ଶରଣାଗତ ଭକ୍ତକୁ ଭଗବାନଙ୍କ ବ୍ୟତୀତ ଆଉ କିଛି ଦେଖାଯାଏ ନାହିଁ । ସଦା ସର୍ବଦା ସେ ଭଗବାନଙ୍କୁ ହିଁ କେବଳ ଦେଖୁଥାଏ । ସର୍ବବ୍ୟାପୀ ଭଗବାନ ସର୍ବତ୍ର ତାକୁ ଦୃଷ୍ଟିଗୋଚର ହୁଅନ୍ତି। ପାର୍ଥିବ ସଂସାର ଜଂଜାଳରେ ତାର ମନ ନଥାଏ । ତଥାପି ଯେ ଗୃହୀ ତାର ମଧ୍ୟ ଭକ୍ତି କରିବାର ଅଧିକାର ଅଛି । ସଂସାର ମଧ୍ୟରେ ପଦ୍ମ ପତ୍ରରେ ପାଣି ସଦୃଶ ତାହାକୁ ରହିବାକୁ ହୁଏ । ଗୃହୀ ହେଲେ ମଧ୍ୟ ଅନାସକ୍ତ ତାର ଜୀବନ, ଯେଉଁ ଅନାସକ୍ତ ଭାବର ଜ୍ଞାନ ଗୀତା ମାନବ ସମାଜକୁ ପ୍ରଦାନ କରେ । ଗୀତାରେ ମଧ୍ୟ ଯୋଗେଶ୍ୱର କୃଷ୍ଣ ସଂସାର ଭିତରେ ଥିଲେ ମଧ୍ୟ ଅର୍ଜୁନଙ୍କୁ ଜଣେ ଯୋଗୀ ହୋଇଯିବା ପାଇଁ ପରାମର୍ଶ ଦେଇଥିଲେ । ସଂସାର ଭିତରେ ଥିଲେ ଜଣେ ଗୃହସ୍ଥକୁ ତା'ର ଧର୍ମ ପାଳନ କରିବାକୁ ହୋଇଥାଏ ଏବଂ ଗୃହସ୍ଥର ଧର୍ମ କିପରି ପାଳନ କରିବା ଉଚିତ୍ ସେ କଥା ଭୀମଭୋଇ ନିଜ ଜୀବନରେ ପାଳନ କରି ସମଗ୍ର ଜଗତ ଭଗତଙ୍କୁ ସେପରି କରିବାକୁ ପରାମର୍ଶ ଦେଇଛନ୍ତି ।

"ମହିମା ଭଜିଲେ ପର ପୁରୁଷଙ୍କୁ ବୋଲିବ ଏ ମୋର ବାପ ।
ଗୁରୁ ପ୍ରସନ୍ନେ ସେ ଜଳ ଫଳ ପାଇ ତପସ୍ୟା ଠାରୁ ଅଧିକ।"୯।
ମହିମା ଭଜିଲେ ପର ଯୁବତୀକି ବୋଲିବ ଏ ମୋର ମାତା ।
ମାତା ବୋଲନ୍ତେ ମୋହ ମାୟା ନଲାଗେ ଆପେ ଛଡାନ୍ତି କରତା।୧୦।
ମହିମା ଭଜିଲେ ସ୍ତିରୀ ସଙ୍ଗମକୁ ନ କଳ୍ପିବ କଦାଚିତେ ।
ଆପଣା ଭାରିଯା ହେଲେ କିସ ହେଲା ବିଚାରିବ ଅନ୍ତର୍ଗତେ ।୧୨।
ଯେତେ ହେଲେ ସେହି କୁମ୍ଭୀ ନର୍କକୁଣ୍ଡ ବୁଡିଲେ ସକଳ ଗଲା ।
ଚାରିଯୁଗେ ଜୀବ ପଡି ପଡି ତହିଁ ନିଜ ହେତୁ ପାଶୋରିଲା ।୧୩।
ମହିମାକୁ ଭଜି ଯୋନି ଶକତିକୁ ଛାଡି ନପାରଇ ଯେହୁ ।
ଗିଳି ପକାଉଛି ଆଚ୍ଛାଦି ହେଉଛି ଚେତା ଥାଉଁ ମଲା ସେହୁ ।୧୪।"

(ସ୍ତୁ.ଚି.ତେୟାନବେ ବୋଲି)

ଗୋଟିଏ ପଟରେ ସ୍ତ୍ରୀ ସଙ୍ଗ ସମ୍ପୂର୍ଣ୍ଣ ନିବାରଣ କରିବା ସକାଶେ ଭୀମଭୋଇ ମାନବ ସମାଜକୁ ପରାମର୍ଶ ଦେଲା ବେଳେ ସେଭଳି ସଂସର୍ଗ ମୋକ୍ଷ ପ୍ରାପ୍ତିର ବାଧକ ବୋଲି ଘୋଷଣା କରୁଛନ୍ତି । ଏ କଥାର ଅବତାରଣା ଅନେକ ଶାସ୍ତ୍ର ପୁରାଣରେ କରାଯାଇଛି । ଭଗବାନଙ୍କ ସାନ୍ନିଧ ଲାଭ କରିବା ସକାଶେ ଯୌନ ସମ୍ପର୍କକୁ ଏକ ହିଂସା ଓ କୁତ୍ସିତ କ୍ରିୟାର ଆଖ୍ୟା ଦେଇ ଜ୍ଞାନୀ ଲୋକ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହୋଇଯାଆନ୍ତି । ପ୍ରଶ୍ନ ଉଠେ ତେବେ ସତରେ କ'ଣ ଗୃହସ୍ଥମାନଙ୍କ ପାଇଁ ଧର୍ମ ଆଚରଣ କରି ମୁକ୍ତିଲାଭ କରିବାର ବାଟ ନାହିଁ ? ନିଜେ ଭୀମଭୋଇ ମହିମା ଧର୍ମ ଦୀକ୍ଷା ନେଇ ପୁଣି କିପରି ଗୃହସ୍ଥ ହେଲେ ? ତେବେ ତାଙ୍କ ପାଇଁ କ'ଣ ମୁକ୍ତିର ବାଟ ବନ୍ଦ ହୋଇଗଲା ? ନୁହେଁ ! ଗୃହସ୍ଥମାନଙ୍କ ମୁକ୍ତି ସକାଶେ ନିଜେ ଭୀମଭୋଇ ବାଟ ବତାଇ ଦେଇଛନ୍ତି । ଜଣେ ଅନୁସନ୍ଧିତ୍ସୁର ମନନେଇ ବିଶ୍ଳେଷଣ କଲେ ଜଣାପଡେ ଯେ କେତେ ଗଭୀର ତାଙ୍କର ଜ୍ଞାନ, ଆତ୍ମା ପରମାତ୍ମାର ସମ୍ପର୍କ ନେଇ । କେତେ ସାଧନା ଓ ସିଦ୍ଧିର ସେ ଥିଲେ ଆଧାର । ଏ ଭଳି ଜ୍ଞାନ ଗାରିମା କେବଳ ତାଙ୍କ ଭଳି ଜଣେ ପରମ ଯୋଗୀପକ୍ଷେ ସମ୍ଭବ । ତା'ପୂର୍ବରୁ ଭୀମଭୋଇ ଲେଖୁଛନ୍ତି–

ଏ କଳି ଯୁଗରେ ଗୃହ କରିବାକୁ ଲେଖୁ ନାହିଁ ଚାରିବେଦ ।
କଳିଯୁଗ ସ୍ତିରୀମାନଙ୍କୁ ଛୁଇଁଲେ ଆୟୁ ଥାଉଁ ଥାଉଁ ବଧ ।୧୬।
(ସ୍ତୁତିଚିନ୍ତାମଣି ଚଉରାନବେ ବୋଲି)

ପୁଣି କହୁଛନ୍ତି–

ପତି ସେବାକଲେ ସତୀପଣ ପାଇ ଗତିକି ଲଭଇ ସେହି ।
ପିଣ୍ଡପ୍ରାଣ ଜାନୁ ଯଉବନ ଦେଇ ପତିକି ଭୋଗ୍ୟ କରାଇ ।୩।
(ସ୍ତୁତିଚିନ୍ତାମଣି ଚଉରାନବେ ବୋଲି)

ମନୋବୈଜ୍ଞାନିକମାନଙ୍କ ମତରେ ଏକବିଂଶ ଶତାବ୍ଦୀ ହେବ ଯୌନପ୍ରଧାନ ଏକ ସମୟ । ଏହି ଶତାବ୍ଦୀରେ ଯୌନ ଉଚ୍ଛୃଙ୍ଖଳତା ଅଧିକମାତ୍ରାରେ ଦେଖାଦେବ । ଏତଦ୍ୱାରା ଯୌନ ରୋଗର ପ୍ରାଦୁର୍ଭାବ ମଧ୍ୟ ବଢିବ । ତାହାର ପ୍ରମାଣ ସ୍ୱରୂପ ଏଚ୍.ଆଇ.ଭି, ଏଡ୍ସ୍, ସୁନାମୀ ଭଳି ମାଡି ଆସୁଛି ସତେ ଯେପରି ଏହା ସମଗ୍ର ମାନବ ସମାଜକୁ ମାରାତ୍ମକଭାବେ ରୋଗଗ୍ରସ୍ତ କରି ଧରାପୃଷ୍ଠରୁ ନିଶ୍ଚିହ୍ନ କରିଦେବ ! ସେଭଳି କାମନା ବାସନାର ଅନ୍ତକରି ମାନବ ସମାଜକୁ କଳିଯୁଗର ଭ୍ରଷ୍ଟାଚାରରୁ ରକ୍ଷା କରିବା ପାଇଁ ପରଂବ୍ରହ୍ମ ନିକଟରେ ଭୀମଭୋଇ ଆକୁଳ ପ୍ରାର୍ଥନା କରିଛନ୍ତି–

''ଏହାଙ୍କର ପାଇଁ ଶ୍ରୀଗୁରୁ ଛାମୁରେ ମାଗୁ ମୁଁ ଅଛି ଏତିକି ।
କନ୍ଦର୍ପ ବାଧାରୁ ଉଦ୍ଧାର ହୁଅନ୍ତୁ ଏ ଧର୍ମେଛନ୍ତି ଯେତିକି ।୧୦।
ଧର୍ମ ଆଶ୍ରେ କଲେ ଯୁଗଳ ନଚଳେ କର୍ମ ଭ୍ରଷ୍ଟ ହେବ ବୋଲି ।
ସ୍ତିରୀ ପୁରୁଷକୁ ଅନଙ୍ଗ ପୀଡୁଛି ନପାରୁଛନ୍ତି ସମ୍ଭାଳି ।୧୧।
ନିଷ୍କାମ ଧର୍ମରେ ସକାମ ପଶୁଛି ହୋଇ ଯାଉଛନ୍ତି ଦୋଷୀ।
ଭବସାଗରକୁ ଘୁଞ୍ଚି ଗୁରୁଦେବ ଫେରି ଯାଉଛନ୍ତି ଭାସି ।୧୨।
ସ୍ତିରୀ ପୁରୁଷଙ୍କୁ ପଞ୍ଚଭୂତ ମନ ଯେମନ୍ତେ ରହିବ ଥୟ ।
ଅନାଦି ଗୁରୁ ଅନ୍ତର୍ଯ୍ୟାମୀ ପୁରୁଷ ସେହି ରୂପେ ଦୟା ବହ ।୧୩।

ଯେଉଁ ରୂପେ ଗୁରୁ କନ୍ଦର୍ପ ବାଧାରୁ ସମ୍ଭାଳି ପାରିବେ ଦେହ ।
ସେପରି କରୁଣା ନେତ୍ର ପଥେ ଚାହିଁ ହେ ଅନାଦି ବ୍ରହ୍ମମୟ ।''୧୮।
(ସ୍ତୁତିଚିନ୍ତାମଣି ଛୟାନବେ ବୋଲି)

ଯଥେଚ୍ଛାଚାର ଯୌନ ସମ୍ପର୍କରୁ ନାନା ପ୍ରକାର ମାରାତ୍ମକ ବ୍ୟାଧି ହୁଏବୋଲି ଭୀମଭୋଇଙ୍କ ଜ୍ଞାନ ଥିଲା । ତେଣୁ ସେ ମାନବ ସମାଜକୁ ସାବଧାନ କରି ଲେଖିଛନ୍ତି–

''ଭବନଦୀ ଜଳ ଭିତରେ ପଶିଲେ ଭବରୋଗ ହୋଏ ପିଣ୍ଡେ ।
ନାନା ଦୁଃଖରେ ପତିତ ହୁଏ ପ୍ରାଣୀ ପଡିଯାଏ କାଳଦଣ୍ଡେ।୧୫।
(ସ୍ତୁତିଚିନ୍ତାମଣି ତେୟାନବେ ବୋଲି)

ଗୃହିଣୀମାନଙ୍କୁ ଉପଦେଶ ଦେଇ ସେ କହୁଛନ୍ତି–

''ସ୍ତିରୀମାନେ ଆଗୋ ଯେ ଅଛ ସଂସାରେ ଘରଦ୍ୱାର ପଛେକର ।
ପୁତ୍ର ଦୁହିତା ଜନ୍ମାଇଲେ କି ହେଲା ତରିବା ପଥକୁ ଧର ।''୬।
ରତି ରମଣ ସୁରତି ସୁଖଭାବ କରୁଥାଅ ପଛେ ତୁମ୍ଭେ ।
ଅନେକ ବିଷୟା ଲାଗିଥାଉ ପଛେ ବ୍ରହ୍ମ କର୍ମଧର ଦମ୍ଭେ ।୮।
(ସ୍ତୁତିଚିନ୍ତାମଣି ନବେ ବୋଲି)

ଭୀମଭୋଇଙ୍କ ପକ୍ଷେ ଗୃହସ୍ଥର ଧର୍ମପାଳନ ସକାଶେ ଯେଉଁ ଉପଲବ୍ଧି ତାହା ଅନନ୍ୟ । ସେହି ପରମ ଉପଲବ୍ଧିକୁ ବିଶ୍ଳେଷଣ କଲେ ଯେଉଁ ନିଷ୍କର୍ଷ ଉପନୀତ ହୁଏ, ତାହା ଏହିପରି । ଭୀମଭୋଇ ନିଜ ଜୀବନରେ ଏକନିଷ୍ଠ ସାଧନା କରି ଯେଉଁ ସିଦ୍ଧି ପାଇଛନ୍ତି ସେହି ସିଦ୍ଧି ସମ୍ପର୍କରେ ଜଗତବାସୀଙ୍କୁ ଅମୂଲ୍ୟ ଜ୍ଞାନ ବିତରଣ କରିଯାଇଛନ୍ତି । ତାହାକୁ ସାଧାରଣ ଲୋକ ନିଜ ନିଜର ସାମାନ୍ୟ ସାଧାରଣ ବୁଦ୍ଧି, ଚର୍ମ ଚକ୍ଷୁରେ ଦେଖି ନ୍ୟୁନ ଭାବରେ ଲଘୁ ମନ୍ତବ୍ୟ ଦେଇଥାନ୍ତି । ମାତ୍ର ଅନ୍ତର୍ଦୃଷ୍ଟି ନେଇ ଦେଖିବାକୁ ଚେଷ୍ଟାକଲେ ମହାଯୋଗୀ ଭୀମଭୋଇଙ୍କ

ଦିବ୍ୟଦୃଷ୍ଟିର ସନ୍ଧାନ ମିଳେ । ଗୃହ ଧର୍ମମାର୍ଗର ବାଟ ବତାଇବାକୁ ଯାଇ ଭୀମଭୋଇ ମାନବ ସମାଜକୁ ଯେଉଁ ଶିକ୍ଷା ଦେଇଛନ୍ତି ତାହା ହେଉଛି ଆଧ୍ୟାତ୍ମିକ ସାଧନାର ଏକ ପ୍ରକୃଷ୍ଟ ମାର୍ଗ । ଯୌନରୁ ଜୀବନମୁକ୍ତିର ଯେଉଁ ବାଟ ଭୀମଭୋଇ ନିର୍ଦ୍ଦେଶ କରିଛନ୍ତି ତାହା ବାସ୍ତବିକ ବିରଳ । ଏତେ ସାବଲୀଳ ଭାଷା ଓ ଭାବନେଇ ସେ ତାହାର ଯେଉଁ ସରଳ ବ୍ୟାଖ୍ୟା କରିଛନ୍ତି ତାହା ଜଣେ ସାଧକକୁ ଚମତ୍କୃତ କରେ । ସେହି ବାଟଟି ହେଲା, ସାଧକ ଅବାଟରେ ଇନ୍ଦ୍ରିୟ ସୁଖ ପାଇଁ ଯେତେବେଳେ ଅଗ୍ରସର ହୁଏ ସେତେବେଳେ ମଧ୍ୟ ସେ ନାମକୁ ନଛାଡି ତାହାକୁ ଜପୁଥିବା ଆବଶ୍ୟକ । ଭୀମଭୋଇଙ୍କ କହିବାନୁସାରେ ରତିସୁଖ ସମ୍ଭୋଗ ସମୟରେ ମଧ୍ୟ ଅଲେଖ ମହିମା ଗୁରୁ ପରଂବ୍ରହ୍ମର ନାମ ଜପୁଥିବ ।

''ଗୁରୁ ସୁମରି ରତିସୁଖ କରିବ ଭାରିଯାକୁ କୋଳେ ଘେନି ।
ତେତେବେଳରେ ବିରୁଦ୍ଧ ନକରିବ ଜପୁଥିବ ନାମଧ୍ୱନି ।୮।

(ସ୍ତୁତିଚିନ୍ତାମଣି ପଞ୍ଚାଅଶୀ ବୋଲି)

ତୈଳଧାରବତ୍ ନାମ ସ୍ମରଣ ହେବା ଉଚିତ୍ । ମୁହୂର୍ତ୍ତକ ପାଇଁ ମଧ୍ୟ ପ୍ରଭୁନାମ ସ୍ମରଣରୁ ସାଧକ ବିଚ୍ୟୁତ ହେବା ଉଚିତ୍ ନୁହେଁ । କେତେବେଳେ କାହାକୁ ମହାକାଳ ଗ୍ରାସକରି ମୃତ୍ୟୁମୁଖକୁ ଠେଲି ଦେବ କିଏ ଜାଣେ ? ଅନ୍ତକାଳରେ ବିଭୁନାମ ସ୍ମରଣ ହେଲେ ମନୁଷ୍ୟ ମୋକ୍ଷ ଲାଭକରେ ବୋଲି ବିଶ୍ୱାସ ଅଛି । ଅଜାମିଳ ଭଳି ପାପୀ ପୁଅର ନାମ ଧରି '' ରଖିରେ ନାରାୟଣ'' କହି ଭବସାଗରୁ ପାରି ହୋଇଗଲା । ତେବେ ନିରନ୍ତର କିପରି ପ୍ରଭୁଙ୍କ ନାମ ଜପ ହେବ ସେ ସମ୍ପର୍କରେ ଆମର ପୂର୍ବସୂରୀମାନେ ଦିଶାନିର୍ଦ୍ଦେଶ କରି ଯାଇଛନ୍ତି। ଏପରିକି ଆମର ଶାରୀରିକ କ୍ରିୟାକଳାପ ସମୟରେ ଯେତେବେଳେ ନାମ ସ୍ମରଣ ବିସ୍ମରଣ ହେବାର ସମ୍ଭାବନା ଅଛି ସେତେବେଳେ କିପରି ପ୍ରଭୁଙ୍କ ସ୍ମରଣ ହେବ ସେ କଥା ବତେଇ ଦେଇଛନ୍ତି । ପ୍ରଥମେ ଛିଙ୍କିଲା ସମୟରେ ପ୍ରତ୍ୟେକ ମଣିଷର ହୃଦୟନ୍ତ୍ର କ୍ରିୟା ବନ୍ଦ ହୋଇଯାଏ । ସେଥିପାଇଁ ଛିଙ୍କିଲା ସମୟରେ ହେରାମ୍, ହେ ଭଗବାନ୍ ଭଳି ପ୍ରଭୁଙ୍କ ନାମ ଉଚ୍ଚାରଣ କରିବା ପାଇଁ ପିଲାବେଳୁ ଆଈମା ଆମକୁ ଶିଖାଇ ଥା'ନ୍ତି, ଯାହା ଆମେ କରୁ । ଠିକ୍ ସେହିପରି ରତିସୁଖ ସମ୍ଭୋଗ ବେଳେ ବିନ୍ଦୁପାତ ବା ରଜବୀର୍ଯ୍ୟ ମିଳନ ସମୟରେ ମସ୍ତିଷ୍କ ଶୂନ୍ୟ ହୋଇଯାଏ । ତାହାକୁ 'ସମାଧି' ସହିତ ତୁଳନା କରି ମହାସୁଖ ବୋଲି ଆଖ୍ୟା ଦିଆଯାଇଛି । ସେତିକିବେଳେ ଭଗବାନଙ୍କୁ ଭୁଲିଯିବାର ସମ୍ଭାବନା ଅଛି । ତେଣୁ ଭୀମଭୋଇ ସେତେବେଳେ ମଧ୍ୟ ନାମଧ୍ୱନି ଜପ କରୁଥିବା ପାଇଁ ଭକ୍ତ ସାଧକକୁ ଅମୂଲ୍ୟ ପରାମର୍ଶ ଦେଇଛନ୍ତି । ସେଭଳି ନାମଜପ, ସାଧନା ବଳରେ ନିଶ୍ଚିତଭାବେ ସମ୍ଭବ ବୋଲି ଏ ଲେଖକର ଉପଲବ୍ଧି ହୋଇଛି । ଭୀମଭୋଇ ତାଙ୍କ ରଚନାବଳୀରେ କୌଣସି ଅବାନ୍ତର ବା ଅସମ୍ଭବ କଥାର ଅବତାରଣା ମୋଟେ କରି ନାହାନ୍ତି । ସାଧାରଣ ଲୋକ ଭୀମଭୋଇଙ୍କ କଥା ବୁଝି ପାରିବେ ନାହିଁ ମାତ୍ର ସାଧକମାନଙ୍କ ପାଇଁ ଭୀମଭୋଇ ଏକ ଖୋଲା ପୃଷ୍ଠା ଯାହାକୁ ପଢି ସାଧକମାନେ କେବଳ ଜ୍ଞାନ ଆହରଣ କରିପାରିବେ ନାହିଁ ବରଂ ତାଙ୍କ ପ୍ରଦର୍ଶିତ ପଥ ଦେଇ ସାଧନା ମାର୍ଗରେ ସିଦ୍ଧିଲାଭ ମଧ୍ୟ କରିପାରିବେ ।

''ବଡିମା କହିଲା ବୋଲିବେ ଜଗତେ ତେଣୁ କରି ମୋର ଭୟ ।
ମୁହିଁସିନା ଜାଣେ ମୋ ଜନ୍ମର କଥା ଅନାଦି ଗୁରୁଙ୍କ ପୁଅ ।୮।
ସଂସାର ମଧ୍ୟରେ କେମନ୍ତେ ଜାଣିବେ ନର ଅଙ୍ଗେ ଦେହ ବହି ।
ଆତଯାତ କଥା ଯୁଗର ବ୍ୟବସ୍ଥା ସମସ୍ତଙ୍କୁ ଜଣାନାହିଁ ।୯।
ହୃଦୟରେ ଭେଦ ସାରସ୍ୱତ ପଦ ଅନୁଭବେ ନାହିଁ ବୁଦ୍ଧି ।
ନରଦେହ ବହି ସର୍ବେ ଅଣଚେତା କାହୁଁ ଜାଣିବେ ସେ ସିଦ୍ଧି ।୧୦।
ରୂପ ରସ ଗନ୍ଧ ରଙ୍ଗେ ମାତି ସର୍ବେ ଭୁଲାଇ ନେଉଛି ମାୟା ।
ମୋହିନୀ ମଦେ ପଡିଛନ୍ତି ସମସ୍ତେ ପାଶୋରି ଜୀବନ କାୟା ।୧୧।
ଜଗତ ଭିତରେ ସଂସାରସାଗରେ ବଖାଣିଲି କବିକୃତ ।
ଯେତେ ବୁଝାଇଲି ନ ବୁଝିଲେ କେହି କୋପ କରି ଅପ୍ରମିତା୧୨।
କୋଳରେ ବସାଇ ମନରେ ମିଶାଇ କହୁ କହୁ କର୍ଣ୍ଣପାଶେ ।
ନଦୀଜଳ ପ୍ରାୟ ବହି ଯାଉଅଛି ଜ୍ଞାନ ନ ଭେଦିଲା ଲେଶେ ।୧୩।
ମୁହିଁ କହୁଥାଇ ମନରେ ବିଚାରି ମୁକତି ପଦକୁ ଭାଳି ।
ଜଣ ଜଣ କରି ବୁଝାଇ କହଇ ସର୍ବେ ତରିଯିବୁଁ ବୋଲି।୧୪।
ଦୁର୍ଲ୍ଲଭ ଜନମ ଦେହ ବହିଛନ୍ତି କରି ନୁହେଁ ବଡସାନ ।
କଥାର ପ୍ରସଙ୍ଗେ କହି ନେଉଥାଉ ଶୁଣ ଶୁଣ ସର୍ବଜନ ।୧୫।
ଧରମ ପଥକୁ ଆଶ୍ରିତ କରାଇ ବତାଇ ଦିଅଇ ଜ୍ଞାନ ।
ଆତ୍ମା ଭକତିକି ଜୀବ ମୁକତିକି ପ୍ରତ୍ୟକ୍ଷ କରାଇ ଚିହ୍ନ ।୧୬।
କପଟ ନକରି ଧୂଳି ମାଟିପରି ବାଣ୍ଟି ଦେଉଥାଇ ଭାଗ ।
ପୁତ୍ର ପରାଏ ଆହାଲାଦ କରାଇ କହୁ ଥାଇ ଜ୍ଞାନ ଯୋଗ ।୧୭।
କିଅବା ସ୍ତିରୀ ସେ କି ଅବା ପୁରୁଷ ବାଳ ବୃଦ୍ଧ ଯୁବା ଯେତେ।
ଭିନ୍ନ ଭିନ୍ନ କରି ଚିହ୍ନାଇ ଦିଅଇ ସଂଶୟ ନରଖି ଚିତ୍ତେ।୧୮।

(ସ୍ତୁତିଚିନ୍ତାମଣି, ଚତୁଃତ୍ରିଂଶ ବୋଲି)

ବ୍ଲକଛକ, ସୁବର୍ଣ୍ଣପୁର